## ୧୬୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ନୟାଗଡ଼ ଅଫିସ:** ନୟାଗଡ଼ ପୌର ପରିଷଦ ପକ୍ଷରୁ ରବିବାର ସନ୍ଧ୍ୟାରେ ୧୬୧ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନାଙ୍କ ଅଧକ୍ଷତାରେ ପଠାଣି ସାମନ୍ତ ଅଡିଟୋରୟମରେ ଅନୁଷ୍ଠିତ ସଭାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏଥିରେ ପୂର୍ବତନ ନଗରପାଳ ଗୁରୁ ପ୍ରସାଦ ଜେନା ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ପୌର କର୍ମଚାରୀ ଗଜେନ୍ଦ୍ର ମହାରଣା ଓ ରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସଂକ୍ଷେପରେ

### ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଗିରଫ

**ମାର୍ଶାଘାଇ, ୧୪।୩ (ଡି.ଏନ୍.ଏ.):** ଘରୋଇ ଟିୟୁଶନ ହେବାକୁ ଆସିଥିବା ଛାତ୍ରଙ୍କୁ ମାଡ଼ମାରି ମାର୍ଶାଘାଇ ଥାନା ପୁରୁଷୋତ୍ତମପୁର ଗାଁର ଜଣେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ରବିବାର ଗିରଫ ହୋଇଛନ୍ତି। ସେ ହେଉଛନ୍ତି ଗାଁର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ବେହେରାଙ୍କ ସ୍ୱାମୀ ରାଜେନ୍ଦ୍ର ରାଉତ। ଶନିବାର ସନ୍ଧ୍ୟାରେ ଗ୍ରାମର ମାନସ ରଞ୍ଜନ ପରିଡ଼ାଙ୍କ ନାବାଳକ ପୁଅ ମାନବାଦିତ୍ୟ ଘରୋଇ ଟିୟୁଶନ ପାଇଁ ଲକ୍ଷ୍ମୀପ୍ରିୟାଙ୍କ ଘରକୁ ଯାଇଥିଲେ। ପଢ଼ା ସମୟରେ କେତେକ ପ୍ରଶ୍ନର ଉତ୍ତର ମାନବାଦିତ୍ୟ ଦେଇ ନ ପାରିବାରୁ ସେଠାରେ ଥିବା ରାଜେନ୍ଦ୍ର ଅମାନୁଷିକ ଭାବେ ମାଡ ମାରିଥିଲେ। ମାନବାଦିତ୍ୟଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହେବା ସହ ଗୁରୁତର ହୋଇପଡିଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ ମାର୍ଶାଘାଇ ସିଏଚସି ଓ ପରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏହି ଘଟଣାରେ ମାନବାଦିତ୍ୟଙ୍କ ବାପା ମାନସ ମାର୍ଶାଘାଇ ଥାନାରେ ରାଜନ୍ଦ୍ରେ ଓ ଲକ୍ଷ୍ମୀପ୍ରିୟାଙ୍କ ନାମରେ ଅଭିଯୋଗ କରିଥିଲେ। ଥାନାରେ ନଂ.୧୨୮/୨୧ରେ ମାମଲା ରୁଜୁ ହୋଇଥିବା ଆଇଆଇସି କାଳନ୍ଦୀ ବେହେରା କହିଛନ୍ତି।

### ଜଙ୍ଗଲ ଜମି ଜବରଦଖଲ: ତହସିଲରେ ମାମଲା ରୁଜୁ

**ରଘୁନାଥପୁର, ୧୪।୩(ଡି.ଏନ୍.ଏ.):** ରଘୁନାଥପୁର ତହସିଲ ଅନ୍ତର୍ଗତ ତଅାଁରା ଗ୍ରାମରେ ଥିବା ଜଙ୍ଗଲ ଜମି ଜବରଦଖଲ କରି ବେଆଇନ ଭାବେ ଗଛ କାଟି ଦିଆଯାଉଛି। ସେଠାରେ ବେଆଇନ ଭାବେ ଇଟାଭାଟି ପାଇଁ ଘର ନିର୍ମାଣ କରାଯାଉଛି। ଏନେଇ ପରିବେଶବିତ୍ ତଥା ଆଇନଜୀବୀ ବାସୁଦେବ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରଘୁନାଥପୁର ତହସିଲଦାର ଘଟଣାର ତଦନ୍ତ କରି ସମ୍ପୃକ୍ତ ଜମିରୁ ଆମ୍ବ ଓ ଚାକୁଣ୍ଡା ଗଛ କଟା ଯାଇଥିବା ଜାଣିପାରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀଙ୍କ ପୁଅଙ୍କ ନାମରେ ୨୧୯/୨୧ରେ ମାମଲା ରୁଜୁ କରି ୭ ଦିନ ମଧରେ ହାଜର ପାଇଁ ନୋଟିସ୍ ଜାରି କରିଛନ୍ତି।

### ଅପହୃତ ନାବାଳିକା ତିର୍ତ୍ତୋଲରୁ ଉଦ୍ଧାର

**ନାଉଗାଁ,୧୪।୩(ସ୍ୱ.ପ୍ର):** ନାଉଗାଁ ଥାନା ଅଞ୍ଚଳର ଅପହୃତ ନାବାଳିକାଙ୍କୁ ପୋଲିସ ଶନିବାର ବିଳମ୍ବିତ ରାତିରେ ତିର୍ତ୍ତୋଲରୁ ଉଦ୍ଧାର କରିଛି। ରବିବାର ତାଙ୍କୁ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଫିସର ପ୍ରତାପ କୁମାର ଦାସ କହିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରାଯିବା ନେଇ ଥାନାରେ ମାମଲା (ନଂ.୧୬/୨୧)ରୁଜୁ ହୋଇଥିଲା। ଏହି ଘଟଣାକୁ ୮ ଦିନ ବିତିଯାଇଥିଲେ ମଧ ପୋଲିସ ତାଙ୍କୁ ଖୋଜି ପାଉ ନ ଥିଲା। ପ୍ରତିବାଦରେ ସମ୍ପୃକ୍ତ ନାବାଳିକାଙ୍କ ମା'ବାପାଙ୍କ ସମେତ ଗ୍ରାମବାସୀ ଶନିବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

### ଶ୍ରାବଣୀ କପ୍: ଯାଜପୁର ଚାମ୍ପିୟନ

**ସିଂହପୁର,୧୪।୩(ଡି.ଏନ.ଏ.):** ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର କାକୁଡ଼ି ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶ୍ରାବଣୀ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ନିମପୁର ସ୍ପୋର୍ଟିଂ କ୍ଲବ କଟକକୁ ହରାଇ ଯାଜପୁର ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ଯାଜପୁର ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୧୭୩ ରନ ସଂଗ୍ରହ କରିଥିଲା। ଜବାବରେ ନିମପୁର ସ୍ପୋର୍ଟିଂ କ୍ଲବ ୮ ଉଇକେଟ ହରାଇ ୧୫୮ ରନ କରି ପରାଜିତ ହୋଇଥିଲା। ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ, ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ସିଂହପୁର ସରପଞ୍ଚ ରମାମଣୀ ସାହୁ ଓ ମୁଖ୍ୟବକ୍ତା ଭାବେ ଡିଏସପି ଦେବେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସିଂହପୁର କାକୁଡ଼ି ପଡ଼ିଆକୁ ମିନିଷ୍ଟାଡିୟମରେ ପରିଣତ କରିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ନିରଞ୍ଜନ ଦାଶ ଓ ବଂଶୀଧର ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ଜୀବନଜୀବିକା, ଜଳ, ଜଳବାୟୁ ଆମର ହକ୍

## ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ

- ଉପକୂଳ ଓଡ଼ିଶାର ଭିତିଭୂମି ବିଧ୍ୱଂସ ପାଇଁ ଷଡ଼ଯନ୍ତ୍ର
- ବୈଷୟିକ କମିଟିର ସର୍ଭେ ସହ ସଂକଳ୍ପପତ୍ର ଜାରି ହେଉ

**କେନ୍ଦ୍ରାପଡା ଅଫିସ୍, ୧୪।୩**

ଖରସ୍ରୋତା ନଦୀରୁ ଭଦ୍ରକ ଜିଲାକୁ ପାଣି ଦେବା ବିବାଦ ବଢ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲା ଜନ ଅଧିକାର ଅଭିଯାନ ଏହାକୁବିରୋଧ କରିବା ସହ ଆନ୍ଦୋଳନରେ ରାଜ୍ୟବାସୀ ସାମିଲ ହେବେ ବୋଲି ଆଶା ପ୍ରକଟ କରିଛି। ଏହାକୁ ଉପକୂଳ ଓଡ଼ିଶାର ଭିତିଭୂମି ବିଧ୍ୱଂସ ପାଇଁ ଏକ ଷଡ଼ଯନ୍ତ୍ର ବୋଲି ମଞ୍ଚର କର୍ମକର୍ତ୍ତାମାନେ କହିଛନ୍ତି। ପ୍ରକଳ୍ପର କାର୍ଯ୍ୟକାରିତା ପୂର୍ବରୁ ଓଡ଼ିଶାର ନଦୀ ଜଳ ପରିଚାଳନା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବୈଷୟିକ କମିଟିର ସର୍ଭେ ସହ ଆଗାମୀ ୧୦୦ବର୍ଷ ପର୍ଯ୍ୟନ୍ତ ମଧୁର ଜଳର ଉପଯୋଗିତା ସମ୍ପର୍କରେ ସଂକଳ୍ପପତ୍ର ଜାରି ହେଉ ଏବଂ ଜୀବନ, ଜୀବିକା, ଜଳ ଓ ଜଳବାୟୁର ଆମର ହକ ଅଛି ବୋଲି ଦୁଇଦାବିକୁ ନେଇ ସହରର ଗୋପସ୍ଥିତ କମଳଭବନରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି ଜଣାଇଛନ୍ତି।

ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଶିକ୍ଷାବିତ୍ କ୍ଷିତୀଶ କୁମାର ସିଂହ ସମ୍ମିଳନୀରେ ଯୋଗ ଦେଇଥିଲେ। ସେମାନେ ଖରସ୍ରୋତା ନଦୀ ଜଳର ସ୍ଥାନୀୟ ଅଞ୍ଚଳର ଉପଯୋଗିତା ସମ୍ପର୍କରେ ସୂଚନା ଦେବା ସହ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟ ପ୍ରକଳ୍ପକୁ ବିରୋଧ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଜନ ଅଧିକାର ଅଭିଯାନର ସଦସ୍ୟମାନେ।

ରାଜ୍ୟ ସରକାରଙ୍କ ଖରସ୍ରୋତା ନଦୀର ମେଗା ପାନୀୟ ଜଳ ପ୍ରକଳ୍ପରେ ଭଦ୍ରକର ୪ ବ୍ଲକ ପାଇଁ ଦୈନିକ ୧୪୨ ବିଲିୟନ ଲିଟର ପାଣି ଉଠାଯିବ। ଖରସ୍ରୋତା ଓ ଏହାର ମୂଳ ଉତ୍ସ ବ୍ରାହ୍ମଣୀ ନଦୀରେ ଜଳ ପ୍ରବାହ କମିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ଏକ ତୃତୀୟାଂଶ ଆବଶ୍ୟକତାକୁ ପୂରଣ ଦିଗରେ ଏହି ନଦୀର ଜଳ ପ୍ରବାହ ସମର୍ଥ ହେଉନାହିଁ। ଏ ସମ୍ପର୍କରେ ଜିଲା କୃଷି ବିଭାଗ, ଜିଲା ଜଳସମ୍ପଦ ବିଭାଗ, କେନ୍ଦ୍ର ଭୂତଳ ଜଳ ବୋର୍ଡର ରିପୋର୍ଟ ସହ ୨୦୨୦ ନଭେମ୍ବରରେ ରାଜନଗର ବନଖଣ୍ଡ ଅଧୀନରେ ହୋଇଥିବା କର୍ମଶାଳାରେ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଜାତୀୟ ଉଦ୍ୟାନର ଆର୍ଦ୍ରଭୂମି ମାନ ଜାରି ରଖିବାକୁ ୭୦ ପ୍ରତିଶତ ମଧୁରଜଳ ଆବଶ୍ୟକ। ହେଲେ ମୌସୁମୀରେ ଏହା ୫୫ ଓ ଅଣମୌସୁମୀରେ ୧୫ ପ୍ରତିଶତରେ ପହଞ୍ଚିଛି। ୨୦୧୬ରେ ଜିଲା କୃଷି ବିଭାଗ ଆକଳନ ଅନୁଯାୟୀ, ଆଞ୍ଚଳିକ କୃଷି ପାଇଁ ଆବଶ୍ୟକ ଥିବା ଜଳରୁ ମାତ୍ର ଏକ ତୃତୀୟାଂଶ ନଦୀ ଜଳପ୍ରବାହରୁ ପାଉଛନ୍ତି। କେନ୍ଦ୍ର ଭୂତଳ ଜଳ ବୋର୍ଡର ସର୍ଭେ ଅନୁଯାୟୀ, ଜିଲାର ରାଜକନିକା, ଆଳି, ରାଜନଗର, ମହାକାଳପଡ଼ା ଓ ଗରଦପୁର ବ୍ଲକ ଅଞ୍ଚଳରେ ଲୁଣା ଜଳ ମିଳୁଛି। ସେହିପରି ଜଳସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ଜନଜୀବନ ଓ ଆର୍ଦ୍ରଭୂମି ପରିଚାଳନା ପାଇଁ ଅଧିକ ମଧୁର ଜଳ ପ୍ରବାହର ଆବଶ୍ୟକତା ଅଛି। କେନ୍ଦ୍ରାପଡ଼ା ଜିଲା ଭୂତଳ ଜଳର ସ୍ଥିତି ସାରା ଓଡ଼ିଶାରେ ସର୍ବାଧିକ ସଙ୍କଟଜନକ ସ୍ଥିତିରେ ଅଛି। ଏଥିପାଇଁ କେନ୍ଦ୍ର ଜଳଶକ୍ତି ବିଭାଗ ପକ୍ଷରୁ ୨୦୧୯ରୁ ଜଳ ସଂରକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ତେବେ ଏହା କାଗଜପତ୍ରରେ ସୀମିତ ରହିଛି। ଅପରପକ୍ଷରେ ବ୍ରାହ୍ମଣୀ ସିଷ୍ଟମ ସଂଲଗ୍ନ ସମୁଦାୟ ଜଳ ଉତ୍ସ ଯେତିକି ପ୍ରଦୂଷିତ ତତୋଧିକ ଶୁଷ୍କ। ରେଙ୍ଗାଲି ବ୍ୟାରେଜ ବ୍ରାହ୍ମଣୀର ଜଳଧାରାକୁ ରୋକିବା ସହ ଯାଜପୁର ଜିଲାର ୧୧ ଶିଳ୍ପ ଅବଶିଷ୍ଟ ଜଳକୁ ଉପଯୋଗ କରୁଛି। ପୂର୍ବର ପାନୀୟ ଜଳ ପ୍ରକଳ୍ପ ସହ ବ୍ରାହ୍ମଣୀ, ଖରସ୍ରୋତା ନଦୀରୁ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ୧୧ ବ୍ଲକର ପିଇବା ପାଣି ପାଇଁ ୪ଟି ପ୍ରକଳ୍ପ ହେବ ବୋଲି ରାଜ୍ୟ ସରକାର ଚଳିତମାସ ୬ ତାରିଖରେ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ହେଲେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳସ୍ତର ହ୍ରାସ ପାଇବ। ଫଳରେ ତଳମୁଣ୍ଡରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାର ଅସ୍ତିତ୍ୱ ରହିବ ନାହିଁ। ସମୁଦ୍ରର ପ୍ରାଚୀର ଭାବେ କାର୍ଯ୍ୟ କରୁଥିବା ହେନ୍ତାଳବଣ ନଷ୍ଟ ହୋଇଯିବ। ଏହାର ପ୍ରଭାବରେ ସୁନାମି ହେଲେ ଉପକୂଳ କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର ଓ ବାଲେଶ୍ୱର ଜିଲାରେ ବିସ୍ତାର କରିବ। ସୂଚନାଯୋଗ୍ୟ, ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାକୁ କେନ୍ଦ୍ରକରି ବର୍ଷେ ହେଲା ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ଜାରି ରହିଛି।

## ଟଙ୍କା ପାଇଁ ବଡ଼ଭାଇଙ୍କୁ ହତ୍ୟା ଉଦ୍ୟମ

### ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ

**ଆଳି/ରାଜକନିକା,୧୪।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା କାଟଣା ବଣିଆ ପଞ୍ଚାୟତର ଝାଡମାଳ ଗାଁରେ ଅଭାବନୀୟ ଘଟଣା ରବିବାର ଘଟିଯାଇଛି। ଟଙ୍କା ପାଇଁ ବଡଭାଇଙ୍କୁ ପେଟ୍ରୋଲ ଢାଳି ସାନଭାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ବଡଭାଇ ବିଚିତ୍ର ପ୍ରଧାନ ତାଙ୍କ ସାନଭାଇ ପବିତ୍ରଙ୍କଠାରୁ ଘର କରିବାକୁ କିଛି ଟଙ୍କା ଧାର ସୂତ୍ରରେ ନେଇଥିଲେ। ହେଲେ ତାଙ୍କର ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ଟଙ୍କା ଶୁଝିବାରେ ବିଳମ୍ବ ହୋଇଥିଲା। ଏଥିରେ ସାନଭାଇ ପବିତ୍ର ଉତ୍ତ୍ୟକ୍ତ ହୋଇ ଅପରାହ୍ନରେ ଘରେ କେହି ନ ଥିବାର ସୁଯୋଗ ନେଇ ବଡଭାଇ ବିଚିତ୍ରଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଘର ଜଳିବାକୁ ଲାଗିଥିଲା। ଏଥିରେ ବିଚିତ୍ର ଶରୀରର ବିଭିନ୍ନ ଅଂଶ ପୋଡି ଯାଇଛି। ଗାଁ ଲୋକ ନିଆଁକୁ ଲିଭାଇବା ସହ ବିଚିତ୍ରଙ୍କୁ ଉଦ୍ଧାର କରି ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ପୋଲିସ ସାନଭାଇ ପବିତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ସଞ୍ଜୀବ ରଣଭଇଁସା କହିଛନ୍ତି। ଏଥିରେ ବିଚିତ୍ରଙ୍କର ଘର ସମ୍ପୂର୍ଣ୍ଣ ପୋଡି ଯାଇଛି।


ନିଆଁରେ ପୋଡି ହୋଇ ଗୁରୁତର ବିଚିତ୍ର।

## ପ୍ରତିମୂର୍ତ୍ତି ସମ୍ମୁଖରେ ଜନଶକ୍ତି ପାର୍ଟିର ଧାରଣା


ଜନଶକ୍ତି ପାର୍ଟିର କର୍ମକର୍ତ୍ତାମାନେ ଧାରଣା ଦେଉଛନ୍ତି।

### କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ରାଜନଗର, ୧୪।୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଯୋର ଧରିଛି। କଂଗ୍ରେସ ଓ ଭାଜପା ଏହାକୁ ରାଜନୈତିକ ମୁଦା କରିଥିବା ବେଳେ ଜନଶକ୍ତି ପାର୍ଟି ପକ୍ଷରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ରବିବାର ଧାରଣା ଦିଆଯାଇଛି। ତ୍ରିନାଥ ବଜାର ଛକଠାରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଥିବା ରାଜନଗରର ଭୂମିପୁତ୍ର ନଳିନୀକାନ୍ତ ମହାନ୍ତିଙ୍କ ପ୍ରତିମୂର୍ତ୍ତି, ସାନ ବଡ ଗୋପାଳପୁର ଗାଁ ମୁଣ୍ଡରେ ଥିବା ସୁଧାକର ପ୍ରଧାନଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଓ ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଜନଶକ୍ତି ପାର୍ଟିର କାର୍ଯ୍ୟକର୍ତ୍ତାମାନେ ପ୍ରତୀପ ଧାରଣାରେ ବସିଥିଲେ। ପାର୍ଟିର ପ୍ରଦୀପ କୁମାର ଦାଶ, ଅଶୋକ କୁମାର ରାଉତ, ସଞ୍ଜୟ ସାହୁ, ସୂର୍ଯ୍ୟମଣି ପଣ୍ଡା, ରମେଶ ଥାଟୋଇ, ଧନେଶ୍ୱର ଦାସ ପ୍ରମୁଖ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣାରେ ବସିଥିଲେ। ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡା ଜିଲା ଥିଲା। ବିଜୁବାବୁଙ୍କ ନାମରେ ବିଜେଡି ଗଠନ ହୋଇଛି। ତାଙ୍କ ନବୀନ ପଟ୍ଟନାୟକ ରାଜ୍ୟ ଶାସନ ଭାର ତୁଲାଉଛନ୍ତି। ମାତ୍ର ଜିଲାରେ ସ୍ୱାସ୍ଥ୍ୟସେବା ଭୁଷୁଡି ପଡିଥିବାବେଳେ କେନ୍ଦ୍ରାପଡାବାସୀଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। କେନ୍ଦ୍ରାପଡାରେ ମେଡିକାଲ କଲେଜ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲେ ମଧ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସାମାନ୍ୟ ଜ୍ୱର, ଥଣ୍ଡା ହେଲେ ଲୋକଙ୍କୁ କଟକ ଯିବାକୁ ପଡୁଛି। ତୁରନ୍ତ କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।

## ଜିମ୍ପିପୁର ବଳଦେବ ଜୀଉ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଡେରାବିଶ, ୧୪।୩(ସ୍ୱ.ପ୍ର.)**

ଡେରାବିଶ ବ୍ଲକ କାଉପଡା ପଞ୍ଚାୟତ ମାରୁତି ବିଦ୍ୟାପୀଠ ପଡିଆରେ ଚାଲିଥିବା ଦାମୋଦର ଜୀଉ ସ୍ମାରକି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ନରେନ୍ଦ୍ରପୁରର ୟଙ୍ଗ ଷ୍ଟାର ହାପି କ୍ଲବକୁ ୪୦ ରନରେ ହରାଇ କଟକ ଜିଲା ଅଧିନ ଜିମ୍ପିପୁରର ବଳଦେବଜୀଉ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଜିମ୍ପିପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ନରେନ୍ଦ୍ରପୁର ଦଳ ୨୦ତମ ଓଭରରେ ୧୭୮ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ଉମାକାନ୍ତ ମଲ୍ଲିକ ଓ ଶ୍ରୀକାନ୍ତ ଜେନା ଆମ୍ପେୟାର ଭାବେ ଫାଇନାଲ ଖେଳର ପରିଚାଳନା କରିଥିଲେ। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରାଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର ମୁଖ୍ୟଅତିଥି, କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସ ମୁଖ୍ୟବକ୍ତା ଭାବେ, ଏବିଡିଓ ଅନିରୁଦ୍ଧ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଳୁକି ଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ବିନୟ କୁମାର ମିଶ୍ର, ଆଇନଜୀବୀ ଅମିତାଭ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ କପ ପ୍ରଦାନ କରିଥିଲେ। ଶିକ୍ଷାବିତ୍ କରୁଣାକର ସ୍ୱାଇଁ ଅତିଥି ପରିଚୟ ଦେଇଥିବା ବେଳେ ରାଜକିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ବୃଦ୍ଧାନଦୀ ଉପରେ ସେତୁ ପାଇଁ ଶିଳାନ୍ୟାସ

**ତିର୍ତ୍ତୋଲ, ୧୪।୩ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଞ୍ଚାୟତ ଶାଳିଜଙ୍ଗା ନିକଟରେ ବୃଦ୍ଧା ନଦୀ ଉପରେ ସେତୁ ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ ହୋଇଛି। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ସେତୁ ପାଇଁ ୨୮ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେତୁ ନିର୍ମାଣ ଦ୍ୱାରା ସ୍ଥାନୀୟ ତେନ୍ତୁଳିପଦା ପଞ୍ଚାୟତ ସମେତ ତିର୍ତ୍ତୋଲ, ଗୋବିନ୍ଦପୁର, ପିପ୍ପଳମାଧବ ଓ ଜଡ଼ତିରା ଆଦି ପଞ୍ଚାୟତରେ ଗମନାଗମନର ସୁବିଧା ହୋଇପାରିବ। ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବିଜୟ ଶଙ୍କର ଦାସ, ଜଗତ୍‌ସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ବସନ୍ତ ମହାପାତ୍ର, ଜିଲା ପରିଷଦ ସଭ୍ୟା ଲିପାଲି ରାଉଳ ଓ ପ୍ରବୀର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଗରିବଙ୍କୁ ଜଳଖିଆ ବିତରଣ

**ନୟାଗଡ଼ ଅଫିସ,୧୪।୩**

ରବିବାର ସଂକ୍ରାନ୍ତିରେ ନୟାଗଡ଼ ସଦର ମହକୁମାର ଆହାର କେନ୍ଦ୍ର ନିକଟରେ ନୟାଗଡ଼ କ୍ଲବ ପକ୍ଷରୁ ୨୦୦ଗରିବଙ୍କୁ ଜଳଖିଆ ବିତରଣ କରାଯାଇଛି। କ୍ଲବର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଷାଧକ୍ଷ ଶ୍ରୀଧର ସାହୁ, ସଦସ୍ୟ ପ୍ରସନ୍ନ ବସନ୍ତିଆ, ସନ୍ତୋଷ ନାୟକ, ଧିରେନ୍ଦ୍ର ପଟ୍ଟନାୟକ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଲୋକାୟୁକ୍ତରେ ଏପ୍ରିଲ ୧୫ ସୁଦ୍ଧା ପିଡିଙ୍କ ରିପୋର୍ଟ

### ବଡ଼କୂଳ ପଞ୍ଚାୟତ ଆବାସ ଯୋଜନା ହଡପ ମାମଲା

**କେନ୍ଦ୍ରାପଡ଼ା ଅଫିସ, ୧୪।୩**

ମହାକାଳପଡ଼ା ବ୍ଲକ ବଡକୂଳ ପଞ୍ଚାୟତ ଇନ୍ଦିରାଆବାସ ହଡପ ମାମଲା ଫେବୃୟାରୀ ୨୪ରେ ଶୁଣାଣି ହୋଇଯାଇଛି। ଏହି ମାମଲାକୁ ଶୁଣାଣି କରି ଏପ୍ରିଲ ୧୫ ସୁଦ୍ଧା ଏହାର ସର୍ବିଶେଷ ତଥ୍ୟ ରଖିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ବଡକୂଳ ପଞ୍ଚାୟତରେ ଆବାସ ଯୋଜନା ହଡପ ହୋଇଥିବା ସମ୍ପର୍କରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ପୂର୍ବତନ କେନ୍ଦ୍ରାପଡା ଜିଲା ଆବାହକ ସ୍ୱର୍ଗତ ରଞ୍ଜନ କୁମାର ଦାସ ୨୦୨୦ ଜାନୁଆରୀ ୨୭ରେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ପଞ୍ଚାୟତର ୨୨ରୁ ଊର୍ଦ୍ଧ୍ୱ ଲୋକଙ୍କ ଆବାସ ଯୋଜନାକୁ କେତେଜଣ ବ୍ୟକ୍ତି ହଡପ କରିଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିବା ତତ୍କାଳୀନ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ଅଭିଯୋଗକୁ ଭିତ୍ତିକରି ଲୋକାୟୁକ୍ତଙ୍କ ପକ୍ଷରୁ ବିଡିଓ ଦେବାଶିଷ ରାଉତ, ତତ୍କାଳୀନ ବିଡିଓ କୈଳାସ ଚନ୍ଦ୍ର ବେହେରା, କମ୍ପ୍ୟୁଟର ପ୍ରୋଗାମର ପ୍ରକାଶ ଚନ୍ଦ୍ର ବିଶ୍ୱାଳଙ୍କୁ ନୋଟିସ ହୋଇଥିଲା। ଏହି ଅଧିକାରୀମାନେ ଶୁଣାଣିରେ ଯୋଗ ଦେଇଥିବା ବେଳେ ୨୫୦ଜଣ ଲୋକଙ୍କ ନାମ ଭୁଲରେ ହିତାଧିକାରୀ ଭାବେ ଦର୍ଶାଯାଇଥିବା ପ୍ରକାଶ କରିଥିଲେ। ଲୋକାୟୁକ୍ତଙ୍କ ପକ୍ଷରୁ ଏହି ମାମଲାର ସମସ୍ତ ବିବରଣୀ ଦାଖଲ ପାଇଁ ପିଡିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## ନକଲି ଟିପଚିହ୍ନ ମାରି ୪ ମାସର ଭତ୍ତା ଲୁଟ୍

**ମହାକାଳପଡା,୧୪।୩(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ବରକନ୍ଧା ଗାଁର ବିଧବା ବୃଦ୍ଧା ସରସ୍ୱତୀ ରାଉତ (୮୫) ଲଗ୍ ଡାଉନ୍ ୪ମାସର ଭତ୍ତା ଲୁଟ୍ କରଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସରସ୍ୱତୀଙ୍କ ଭତ୍ତା ଖାତା ନଂ. ୩୩/୯, ୨୦୨୦ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରର ଟଙ୍କା ପ୍ରଦାନ କରା ନ ଯାଇ ଭତ୍ତା ଲେଜର ଖାତାରେ ନକଲି ଟିପ ଚିହ୍ନ ମାରି ବୃଦ୍ଧାକୁ ଭଣ୍ଡଉଛନ୍ତି। ଅଭିଯୋଗ କଲେ ବ୍ଲକ ବାବୁଙ୍କୁ କୁହ ବୋଲି କହୁଛନ୍ତି। ବୃଦ୍ଧା ଜଣକ କିଛି ଉପାୟ ନ ପାଇ ଚୁପ୍ ହୋଇ ବସିଛନ୍ତି। ତେବେ ହିତାଧକାରୀଙ୍କ ଖାତାରେ ଏହି ୪ମାସର ଭତ୍ତା ଉଲ୍ଲେଖ କରାଯାଇନାହିଁ। ଏଠାରେ ପ୍ରଶ୍ନ ଉଠୁଛି ସରସ୍ୱତୀଙ୍କ ଭତ୍ତା ଟଙ୍କା କୁଆଡ଼େ ଗଲା। ତୁରନ୍ତ ତଦନ୍ତ କରା ନ ଗଲେ ବୃଦ୍ଧା ଜିଲାପାଳଙ୍କୁ ଭେଟିବେ ବୋଲି କହିଛନ୍ତି। ଅପରପକ୍ଷେ ଏହି ବୃଦ୍ଧାଙ୍କୁ ୮୫ବର୍ଷ ହୋଇଛି। ନିୟମ ଅନୁସାରେ ତାଙ୍କୁ ୭ ଶହ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛ। ତେବେ ଏହାକୁ ଅଣଦେଖା କରାଯାଇଛି।


ସରସ୍ୱତୀ ଭତ୍ତା ଖାତାକୁ ଦେଖାଉଛନ୍ତି।

## ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ

- ଖଣ୍ଡପଡ଼ା ବ୍ଲକ୍‌ର ୨ ୱାର୍ଡରେ ପାଣି ପାଇଁ ହାହାକାର
- ଲୋକେ ପିଉଛନ୍ତି ଦୂଷିତ ପାଣି
- ଅଭିଯୋଗକୁ ଅଣଦେଖା କରୁଛି ପ୍ରଶାସନ

**ନୟାଗଡ଼ ଅଫିସ,୧୪।୩**

ଆଜି କି କାଲି ନୁହେଁ, ଗତ ବର୍ଷେ ହେଲା ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତର ୮ ନଂ. ୱାର୍ଡର ପୁରୁଷୋତ୍ତମପୁର ଓ ୯ ନଂ. ୱାର୍ଡର ହାଟପଦାରେ ଜଳ କଷ୍ଟ ଲାଗି ରହିଛି । ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଡିଓ ଓ ବ୍ଲକ ଆରଡବ୍ଲୁଏସ୍ ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ଗ୍ରୀଷ୍ମରତୁ ଆରମ୍ଭ ହୋଇଛି। ଆଗକୁ ଗ୍ରୀଷ୍ମ ପ୍ରବାହ ବଢ଼ିବ। ଏହାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି। ଏବେଠୁ ସ୍ଥାନୀୟ ଲୋକେ ଗରାଏ ପାନୀୟ ଜଳ ପାଇଁ କୂପ ଓ ନଳକୂପ ପାଖରେ ଧାଡ଼ି କରି ଠିଆ ହେଉଛନ୍ତି। ଖରା ବଢ଼ିଲେ ଜଳସ୍ତର କମିବ। ନଦୀ,ପୋଖରୀ ସହିତ କୂଅ ଓ ନଳକୂପର ଜଳସ୍ତର ହ୍ରାସ ପାଇବ। ପାଣି ପାଇଁ ହାହାକାର ପଡିବ। ତାହା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏ ନେଇ ପୁରୁଷୋତ୍ତମପୁରର ନିଶାମଣି ସେଠୀ କୁହନ୍ତି, ଆମ ଗାଁରେ ପାନୀୟ ଜଳ ଯୋଗାଣ ପାଇଁ କଳ ବସିଛି, ପାଣି ଆସୁନାହିଁ। ୪ ନଳକୂପ ଅଛି, ସେଥିମଧ୍ୟରୁ ୩ଟି ଅଚଳ ହୋଇପଡିଥିଲେ ହେଲେ ମରାମତି କରାଯାଉନାହିଁ। ଆଉ ଯେଉଁ ନଳକୂପ ଅଛି ସେଥିରୁ ବିଳମ୍ବରେ ପାଣି ବାହାରୁଛି। ସେହି ପାଣି ପିଇବାଯୋଗ୍ୟ ନୁହେଁ। ସୌଭାଗ୍ୟ ତ୍ରିପାଠୀ କୁହନ୍ତି, ଗାଁରେ ନଳକୂପ ବସିବା ପରେ କୂଅରୁ କେହି ପାଣି କାଢୁ ନ ଥିଲେ। ପାଣି ସମସ୍ୟା ବଢ଼ିବାରୁ ଏବେ କୂଅ ପାଖକୁ ଲୋକେ ଧାଇଁଛନ୍ତି। ଦୀର୍ଘଦିନ ଅବ୍ୟବହୃତ, ପଙ୍କ କାଦୁଅରେ କୂଅଗୁଡ଼ିକ ପୂରି ରହିଛି। ସେଥିପାଇଁ କୂଅ ପାଣି ଗନ୍ଧାଉଛି। ମୁଁ ଜଣେ ଆଶା କର୍ମୀ। କୂଅରେ ବ୍ଲିଚିଂ ପାଉଡର ପକାଇଛି। ହେଲେ ପାଣି ପିଇବା ଉପଯୋଗୀ ହେଉ ନାହିଁ। ରୀତାଞ୍ଜଳି ତ୍ରିପାଠୀ କୁହନ୍ତି, ମୁଖ୍ୟମନ୍ତ୍ରୀ କହିଥିଲେ ସମସ୍ତେ ବିଶୁଦ୍ଧ ଜଳ ପାଇବେ। ହେଲେ ଆମେ ଦୂଷିତ ଜଳ ବ୍ୟବହାର କରୁଥିଲେ ମଧ ଆମ ପ୍ରତି ପ୍ରଶାସନର ଦରଦ ନାହିଁ। ଗାଁର ପାଣି ସମସ୍ୟା ସଂକ୍ରାନ୍ତରେ ବର୍ଷେ ହେଲା ବିଭିନ୍ନ କାର୍ଯ୍ୟାଳୟରେ ଜଣାଇ ଆସିଛୁ। ହେଲେ ଆମ କଥା କେହି ଶୁଣୁନାହାନ୍ତି। ପ୍ରମୋଦିନୀ ତ୍ରିପାଠୀ କୁହନ୍ତି, ନଳକୂପର ପାଣି ଲୁହାଟିଆ ଗନ୍ଧ ହେଉଛି। ବେଳେବେଳେ କେଞ୍ଚୁଆ ବାହାରୁଛି। ଗାଁରେ କଳ ବସିଛି। ହେଲେ ପାଣି ନାହିଁ। ପୂର୍ବରୁ ବନମାଳୀପୁର ପ୍ରକଳ୍ପରୁ ଗାଁକୁ ପାଣି ଆସୁଥିଲା। ଏବେ ପ୍ରକଳ୍ପରୁ ପାଣି ଛାଡୁ ନାହାନ୍ତି । ଲୋକେ କିପରି ଜଳକଷ୍ଟ ଭୋଗୁଛନ୍ତି ବ୍ଲକ ଓ ଜିଲା ପ୍ରଶାସନ ଅନୁଧ୍ୟାନ କରି ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି। ହାଟପଦା ୱାର୍ଡମେମ୍ବର ଆଶାଲତା ସାହୁ କୁହନ୍ତି, ମୋ ୱାର୍ଡରେ ଗୋଟିଏ ନଳକୂପ ଅଚଳ ଓ ଅନ୍ୟଟିରୁ ଧୀରେ ଧୀରେ ପାଣି ବାହାରୁଛି। ଗାଁରେ ୩ କୂଅ ପରିତ୍ୟକ୍ତ ହୋଇ ରହିଥିଲା। ଏବେ ସେହି କୂଅର ପାଣି ଶୁଖିଗଲାଣି। ଗତ ବର୍ଷେ ହେଲା ଆମ ଗାଁ ଲୋକେ କୂପର ଦୂଷିତ ଜଳ ପ୍ରାୟ ୧ବର୍ଷ ହେଲା ପିଉଛନ୍ତି। ଗାଁକୁ ବନମାଳୀପୁର ପାନୀୟଜଳ ପ୍ରକଳ୍ପରୁ ପାଣି ଆସୁଥିଲା। ହେଲେ ବର୍ଷେ ହେଲା ଆସୁନାହିଁ। ବିଡିଓଙ୍କୁ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲୁ। ବିଡିଓ କହିଥିଲେ, ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିଦେବୁ। ତାଙ୍କ ପ୍ରତିଶ୍ରୁତି ପ୍ରତାରଣା ପାଲଟିଛି।


ଗାଁଠାରୁ ଦୂରକୁ ପାଣି ସଂଗ୍ରହ କରିବାକୁ ଆସିଥିବା ପୁରୁଷୋତ୍ତମପୁର ମହିଳାମାନେ।

**ନିଖୋଜ ନାବାଳିକା ଉଦ୍ଧାର**

କାଳିଆପାଣି,(ଡି.ଏନ.ଏ.): କାଳିଆପାଣି ଥାନା ଅଞ୍ଚଳରୁ ଗତ ୪ ତାରିଖରେ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକା ନିଖୋଜ ନେଇ ତାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲା। ତେବେ ନାବାଳିକା ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ତାଙ୍କ ମାଉସୀ ଘରେ ରହୁଥିବା ପୋଲିସ ଖବର ପାଇଥିଲା। ତେଣୁ ରବିବାର ନାବାଳିକାଙ୍କ ପରିବାର ଲୋକଙ୍କୁ ସାଙ୍ଗରେ ନେଇ ଏସ୍ଆଇ ବିଭୂତି ମହାପାତ୍ର ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସୋମବାର ନାବାଳିକାଙ୍କ ଡାକ୍ତରୀ ମାଇନା କରାଯିବ। ଏହାପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍ଆଇ ମହାପାତ୍ର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବାଲିକୁଦା,୧୪।୩ (ସ୍ୱ.ପ୍ର)**-ବାଲିକୁଦା ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ମାଙ୍କଡ଼ଖିଆଠାରେ ରବିବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ମରିଚିପୁର ପଞ୍ଚାୟତ ଧନୁହର ବେଲାରୀ ଗାଁର ଶେଷଦେବ ନାୟକଙ୍କ ପୁଅ ସାଗର(୩୦)। ଗୁରୁତର ଜଣକ ହେଲେ ମରିଚିପୁର ଗାଁର ରମେଶ ସ୍ୱାଇଁଙ୍କ ପୁଅ ବିକାଶ ସ୍ୱାଇଁ(୨୫)। ସାଗର ଏକ ବାଇକ୍‌ରେ ନିଜ ଗାଁରୁ ଗଣ୍ଡକୁଳସ୍ଥିତ ପିଉସୀ ଘରକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ବିକାଶ ବାଇକ୍‌ରେ ମରିଚିପୁରକୁ ଆସୁଥିଲେ। ମାଙ୍କଡ଼ଖିଆଠାରେ ପରସ୍ପର ମୁହାଁମୁହିଁ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସାଗରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜଗତ୍‌ସିଂହପୁର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଛି। ବିକାଶଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ସାଗରଙ୍କ ମୃତଦେହ ଜବତ କରିବା ସହ ଥାନାରେ ମାମଲା (ନଂ.୬/୨୧) ରୁଜୁ କରିଛି।

### ଗୃହରକ୍ଷୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଜଣେ ଗିରଫ

**ପାଣିକୋଇଲି, ୧୪।୩ (ଡି.ଏନ.ଏ.)**- ପାଣିକୋଇଲି ବଜାରରେ ଟ୍ରାଫିକ ନିୟନ୍ତ୍ରଣରେ ନିୟୋଜିତ ଜଣେ ମହିଳା ଗୃହରକ୍ଷୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଣେ କାର ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପାଣିକୋଇଲି ଥାନାର ମହିଳା ଗୃହରକ୍ଷୀ ପଦ୍ମାବତୀ ସାହୁ ନିଜ କର୍ତ୍ତବ୍ୟ ସମ୍ପାଦନା କରୁଥିବା ବେଳେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କେନ୍ଦୁଡିହ ଗ୍ରାମର ନରୋତ୍ତମ ବେହେରା ନିୟମ ଭଙ୍ଗ କରିଥିଲେ। ଏନେଇ ଗୃହରକ୍ଷୀ ପିସିଆର ଭ୍ୟାନକୁ ଖବର ଦେଇଥିଲେ। ଏହାବାଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ କାର(ନଂ.ଓଡି ୦୬ଏଫ୨୨୭୫)କୁ ଜବତ କରିବା ସହ ଏକ ମାମଲା (ନଂ.୫/୨୧) ରୁଜୁ କରିଛି।

### ଫେରାର ଅଭିଯୁକ୍ତ ଗିରଫ

**ବାଲିକୁଦା,୧୪।୩ (ସ୍ୱ.ପ୍ର.)**- ବାଲିକୁଦା ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ରାତିରେ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତ ଖମ୍ବାକୁଳ ଗାଁର ଅମରେଶ୍ୱର ରଣା। ତାଙ୍କ ନାମରେ ଖୋର୍ଦ୍ଧା ଥାନାରେ ମାମଲା (ନଂ.୪୦୨/୨୦୦୩) ରୁଜୁ ହୋଇଥିଲା। ଖୋର୍ଦ୍ଧା ଜେଏମ୍ଏଫ୍‌ସି କୋର୍ଟ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବାଲିକୁଦା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଣା ପଡୋଶୀ ଗାଁରେ ହେଉଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶନିବାର ଯୋଗଦେଇଥିବାବେଳେ ବାଲିକୁଦା ଥାନା ଏସଆଇ ଚିରଞ୍ଜୀବ ବେହେରା ଟିମ୍ ସହ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲେ।

# ଭୋକ ଉପାସରେ ବିସ୍ଥାପିତଙ୍କ ପରିବାର

- ଅସୁସ୍ଥ ଯୋଗୁ ଚାକିରି ଗଲା, ଦୁଃଖ ବଢ଼ିଲା
- ସ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ ଦାବି

**କଳିଙ୍ଗନଗର,୧୪।୩ (ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭିଟାମାଟି ହରାଇଥିବା ଏକ ବିସ୍ଥାପିତ ପରିବାର ନିଯୁକ୍ତି ହରାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି । ସେହି ପରିବାର ସଦସ୍ୟମାନେ ଏବେ ଅନାହାରରେ ଦିନ କାଟୁଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ବାଲିଗୋଠ ଗ୍ରାମର ରାମ ଜଣେ ବିସ୍ଥାପିତ। ସେଥିପାଇଁ ଟାଟା ଷ୍ଟିଲ କମ୍ପାନୀରେ ସେ ଜଣେ ସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି ପାଇଥିଲେ। ସେ ନିଜ ପରିବାର ସଦସ୍ୟଙ୍କ ସହ ଗୋବରଘାଟିରେ ପାଇଥିବା ଅଢେଇ ଗୁଣ୍ଠ ଜମିରେ ଘର କରି ରହୁଛନ୍ତି। ହେଲେ କରୋନା ମହାମାରୀ ତାଙ୍କ ଜୀବନକୁ ଦୋହଲାଇ ଦେଇଛି। କିଛିଦିନ ତଳେ ରାମ ଅସୁସ୍ଥ ଅନୁଭବ କଲେ। ତାଙ୍କ ସ୍ତ୍ରୀ ସାବିତ୍ରୀ ସ୍ୱାମୀଙ୍କୁ ନେଇ ନିଜ ବାପ ଘର ଯାଜପୁରରୋଡରେ ରହିଲେ। ସେଠାରେ ରାମଙ୍କ ଚିକିତ୍ସା ଚାଲିଲା । କରୋନାରେ ଶଟ୍ ଡାଉନ ହେବା ପରେ ପ୍ଲାଣ୍ଟ ବନ୍ଦ ହୋଇଗଲା । ରୋଗ ସହିତ ରାମଙ୍କ ଚାକିରି ଚିନ୍ତା ବଢ଼ିଲା । କିଛିଦିନ ମଧ୍ୟରେ ସେ ଅଧିକ ଅସୁସ୍ଥ ହୋଇପଡିଲେ। ଏବେ ସେ ଚାଲିବାର କ୍ଷମତା ହରାଇ ବସିଛନ୍ତି। କମ୍ପାନୀକୁ ଯାଇ କାମ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇନାହିଁ । ଟାଟା କମ୍ପାନୀ ପ୍ରତି ମାସରେ ରାମଙ୍କୁ ଦରମା ଦେଉଥିଲା । କିନ୍ତୁ ଗତ ଦୁଇମାସ ହେବ ରାମଙ୍କ ଦରମା ବନ୍ଦ କରି ଦେଇଛି । ଏଣେ ରାମ ବାକିରେ ଆଣିଥିବା ତେଜରାତି ସାମଗ୍ରୀ ବାବଦ ଟଙ୍କା ଦୋକାନୀଙ୍କୁ ଦେଇପାରିନାହାନ୍ତି । ଫଳରେ ଦୋକାନୀ ରାମଙ୍କ ୭ ହଜାର ଟଙ୍କା ବକେୟା ବାବଦରେ ତାଙ୍କ ଘରେ ପଶି ଟିଭି, ମୋବାଇଲ୍ ଫୋନ୍, ଡ୍ରେସିଂ ଟେବୁଲ୍ ଆଦି ନେଇ ଯାଇଛନ୍ତି। ରାମ ଘରଭଡ଼ା ଦେଇ ନ ପାରିବାରୁ ଘର ମାଲିକ ତାଙ୍କ ସାଇକେଲ, ଫ୍ୟାନ ସହ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଛନ୍ତି । ଏହାପରେ ତାଙ୍କ ପରିବାରବର୍ଗଙ୍କୁ ଘରୁ ତଡି ଦେଇଛନ୍ତି। ଏବେ ୬ ପିଲାଛୁଆଙ୍କୁ ଧରି ରାମ ଯାଜପୁରରୋଡସ୍ଥିତ ଧବଳଗିରିର ଗୋଟିଏ ପୁରୁଣା ଆଜବେଷ୍ଟଶ ଘରେ ରହୁଛନ୍ତି। ଚାକିରି ହରାଇଥିବାରୁ ରାମଙ୍କ ପରିବାରବର୍ଗ ଗୋଟିଏ ଓଳି ଖାଇଲେ ଅନ୍ୟ ଓଳି ଉପାସରେ ରହୁଛନ୍ତି। ଏ ସଂକ୍ରାନ୍ତରେ ଖବର ପାଇବା ପରେ ସାମାଜିକ କର୍ମୀ ରାଜେଶ କୁମାର ରାଉତ ତେଜରାତି ସାମଗ୍ରୀ ନେଇ ରାମଙ୍କ ଘରେ ପହଞ୍ଚି ଥିଲେ। ସେ ଟାଟା କମ୍ପାନୀ ଓ ଜିଲା ପ୍ରଶାସନ ସହିତ ଯୋଗାଯୋଗ କରିବାକୁ ଉଦ୍ୟମ କରିଛନ୍ତି । ରାମ ଏବେ ଶାରୀରିକ ଅକ୍ଷମ ହୋଇଯାଇଥିବାରୁ ତାଙ୍କ ସ୍ଥାନରେ ସ୍ତ୍ରୀଙ୍କୁ ଚାକିରି ଦେବାକୁ ସାମାଜିକ କର୍ମୀ ରାଉତ ଦାବି କରିଛନ୍ତି।


ପୁଅ ଝିଅଙ୍କ ସହ ରାମ ।

# ପୁଣି ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର

**ପଣସୁଧା ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡ଼ି ପୋଡ଼ି ଘଟଣା**

**ଚଣ୍ଡିଖୋଲ,୧୪।୩ (ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅଧୀନ ପଣସୁଧା ଗ୍ରାମରେ ଗତ ୬ ତାରିଖରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ରବିବାର ପୋଲିସ ପୁଣି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ପୋଲିସ ପ୍ରଥମେ ୧୯ ଓ ପରେ ୨ ଜଣଙ୍କୁ ଗିରଫ କରିଥିଲା। ଏବେ ମୋଟ୍ ଗିରଫ ସଂଖ୍ୟା ୨୫ରେ ପହଞ୍ଚିଛି। ଘଟଣାରେ ୩ଶହ ଲୋକଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଭରତପୁର ସରପଞ୍ଚ ସରସ୍ୱତୀ ବେହେରାଙ୍କ ସ୍ୱାମୀ ତଥା ମୁଖ୍ୟ ଅଭିଯୁକ୍ତ ଶିକ୍ଷକ ବସନ୍ତରାଜ ସାମଲ ଓରଫ ମିଟୁ ଏବେ ବି ଫେରାର ଅଛନ୍ତି। ରବିବାର ଗିରଫ ଦାରିକୁ ନେଇ ଭରତପୁର ସରପଞ୍ଚଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ମହିଳା ଥାନା ସମ୍ମୁଖରେ ଏକତ୍ରିତ ହୋଇ ପୋଲିସ ନିରୀହ ଲୋକଙ୍କୁ ଗିରଫ କରୁଥିବା ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରାଯିବା ସହ ଏହି ଗାଡ଼ି ପୋଡ଼ି ଘଟଣାରେ ସଂପୃକ୍ତିଥିବା ଲୋକଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଘଟଣା ଘଟିବାର ପରଦିନ ମଧ୍ୟ ପୋଲିସ ଗିରଫ ଦାରିକୁ ବିରୋଧ କରି ଭରତପୁର ସରପଞ୍ଚ କେତେଜଣ ମହିଳାଙ୍କୁ ଧରି ଥାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ପୋଲିସ ଉପରେ ରାଜନୈତିକ ଚାପ ସୃଷ୍ଟି କରିବା ପାଇଁ ସରପଞ୍ଚ ଏପରି ନାଟକ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ପୋଲିସ ଗାଡ଼ି ପୋଡିର ମୁଖ୍ୟ ସୁତ୍ରଧର ମିଟୁଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଖୁବଶୀଘ୍ର ମିଟୁଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ମିଟୁ ବୃତ୍ତିରେ ଶିକ୍ଷକ ହୋଇଥିବାରୁ ଘଟଣା ସମ୍ପର୍କରେ ପୋଲିସ ଚିଠି ଲେଖି ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଛି।ସୂଚନାଯୋଗ୍ୟ, ୬ ତାରିଖରେ ପଣସୁଧା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ନେଉଥିବା ବେଳେ ଅନ୍ୟ ଗୋଷ୍ଠୀ ନେତୃତ୍ୱ ମିଟୁ ନେଇଥିଲେ। ଏହା ମଧ୍ୟରେ ନାଣ୍ଟୁ ଗିରଫ ହୋଇଥିବା ବେଳେ ମିଟୁ ଫେରାର ଅଛନ୍ତି। ଏନେଇ ପୋଲିସ ପକ୍ଷରୁ ଥାନା କେସ (ନଂ ୭୩/୨୧ ଓ ୭୪/୨୧)ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଗିରଫଦାରି ଭୟରେ ଏବେବି ପଣସୁଧା ଗ୍ରାମ ପୁରୁଷ ଶୂନ୍ୟ ରହିଛି। ଗ୍ରାମରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ଖଣିମାଟି ଡମ୍ପିଂ ସ୍ଥଳରେ ୧୪୪ ଧାରା ଜାରି


ଡମ୍ପିଂ ସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

**କାଳିଆପାଣି, ୧୪।୩(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସୁକୁରୁଙ୍ଗି ଖଣି ଖନନ ଓ ମାଟିଡମ୍ପିଂ ପ୍ରତିବାଦରେ ପ୍ରଭାବିତ ଚିରୁଗୁଡ଼ାସାହି ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଆନ୍ଦୋଳନକୁ ପ୍ରତିହତ କରିବାକୁ ଯାଇ ପ୍ରଶାସନ ଆନ୍ଦୋଳନସ୍ଥଳରେ ୧୪୪ ଧାରା ଜାରି କରିଛି। ସୂଚନା ଅନୁଯାୟୀ, ଚିରୁଗୁଡ଼ାସାହି ବାସିନ୍ଦା ଓଏମ୍‌ସିର ମାଟି ଡମ୍ପିଂ ଯୋଗୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ୮ ତାରିଖରେ ମାଟିଡ଼ମ୍ପିଂ ବେଳେ ଚିରୁଗୁଡ଼ାସାହିଗ୍ରାମର ବହୁ ମହିଳା,ପୁରୁଷ ବିରୋଧ କରିବା ସହ ସେଠାରେ ଧାରଣା ଦେଇଥିଲେ। ସେଦିନ ଖଣି ନିଗମ କର୍ତ୍ତୃପକ୍ଷ ମାଟିଡମ୍ପିଂ ବନ୍ଦ ରଖିଥିଲେ। ପରେ ଖଣି ମାଟିଡମ୍ପିଂ ଆରମ୍ଭ ହୋଇଥିଲା। ଏହାକୁ ଦେଖି ଗ୍ରାମର ବୁବୁଲି ପାତ୍ର, ରାଜୁ ପାତ୍ର, ଚରଣ ଥଟାରିଙ୍କ ନେତୃତ୍ୱରେ ୨୫ ଉର୍ଦ୍ଧ୍ୱ ମହିଳାପୁରୁଷ ଧରଣା ଦେଇଥିଲେ । ଏନେଇ ଖଣି ପରିଚାଳକ ମାୟାଧର ପାତ୍ର କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କାଳିଆପାଣି ଥାନା ଅଧିକାରୀ ଏକ ମାମଲା(ନଂ ୨୫/୨୦୨୧) ରୁଜୁ କରି ପରିସ୍ଥିତି ଉପରେ ନଜର ରଖିଥିଲେ । ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରଥିଲେ । ଶନିବାର ସୁକିନ୍ଦା ତହସିଲଦାର ବୁଲବୁଲ ବେହେରା ଘଟଣାସ୍ଥଳକୁ ଆସି ୧୪୪ ଧାରା ଲାଗୁ କରିବା ସହ ଏକ ପ୍ଲାଟୁନ ଫୋର୍ସ ମୃତୟନ କରିଥିଲେ । ଏବେ ସେଠାରେ ଖଣି ମାଟି ଡମ୍ପିଂ କରାଯାଉଛି ।

## ଦରମା ଦାବିରେ ଖଣି କର୍ମଚାରୀଙ୍କ ଧାରଣା

**କାଳିଆପାଣି,୧୪।୩ (ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପରିଚାଳିତ ଦକ୍ଷିଣ କାଳିଆପାଣି କ୍ରୋମାଇଟ ଖଣିରେ ନିୟୋଜିତ ବିଜିଆର ଠିକାଦାରଙ୍କ ଶ୍ରମିକ ଶୋଷଣ ପ୍ରତିବାଦରେ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ବହୁଦିନ ହେଲା ଶ୍ରମିକ ଓ କର୍ମଚାରୀ ଦରମା ନ ପାଇ ଆର୍ଥିକ ଅନାଟନର ଶିକାର ହେଉଛନ୍ତି। ୧ ମାସ ମଧ୍ୟରେ ଶ୍ରମିକମାନଙ୍କ ବକେୟା ଦରମା, ବୋନସ ପ୍ରଦାନ ଆଦି ଦାବିର ସମାଧାନ ହେବ ବୋଲି ଓଏମ୍‌ସିର ଖଣି ଏଜିଏମ୍ କାଠି ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନା ଅନୁଯାୟୀ ଶନିବାର ଓଏମ୍‌ସି ଦକ୍ଷିଣ କାଳିଆପାଣିରେ କାମ କରୁଥିବା ବିଜିଆର ପ୍ରାଇଭେଟ ଲିମିଟେଡ଼ କର୍ମଚାରୀମାନେ ପୂର୍ବ ମାସର ଦରମା ପାଇ ନ ଥିବାରୁ କାମ ବନ୍ଦ କରି ଧାରଣା ଦେଇଥିଲେ । ଏହାକୁ ନେଇ ଖଣିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୂର୍ବରୁ ଦରମା ପ୍ରଦାନକୁ ନେଇ ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା।

# ଆନ୍ଦୋଳନରେ ସାମିଲ ହେଲେ ବିଧାୟକ ସୁର ରାଉତରାୟ

**ପାରାଦୀପ- ହାଇଦ୍ରାବାଦ ପାଇପ୍ ଲାଇନ ବିଛା ପ୍ରସଙ୍ଗ**


ବିଧାୟକ ସୁର ରାଉତରାୟ ଉଦ୍‌ବୋଧନ ଦେଉଛନ୍ତି।

**କୁଜଙ୍ଗ,୧୪।୩ (ସ୍ୱ.ପ୍ର.)**

ପାରାଦୀପ-ହାଇଦ୍ରାବାଦ ପାଇପ୍ ଲାଇନ୍ ବିଛାକୁ ବିରୋଧ କରି ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ଗ୍ରାମରେ ଚାଲିଥିବା ଆନ୍ଦୋଳନ ୧୬ ଦିନରେ ପହଞ୍ଚିଛି। ରବିବାର କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଏହାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜନସାଧାରଣଙ୍କ ଦାବି ସରକାର ନ ମାନିବା ପର୍ଯ୍ୟନ୍ତ ପାଇପ ଲାଇନ ବିଛାଇବା ପାଇଁ ଇଞ୍ଚେ ଜମି ଡିଙ୍କିଆ ମାଟିରୁ ଛଡ଼ାଯିବନାହିଁ ବୋଲି ରାଉତରାୟ କହିଛନ୍ତି। ଏହି ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। । ଗ୍ରାମ୍ୟ ସଭାପତି ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ଅକ୍ଷୟ ବେଉରା, ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ପ୍ରକାଶ ଜେନା, ଶାନ୍ତି ସେଠୀ ପ୍ରମୁଖ ଯୋଗଦେଇ ଜିଲା ପ୍ରଶାସନକୁ ସମାଲୋଚନା କରିଥିଲେ । ଆଗକୁ ଏହି ଆନ୍ଦୋଳନ ପୋସ୍କୋ ବିରୋଧୀ ଆନ୍ଦୋଳନ ଭଳି ରୂପ ନେବାକୁ ଯାଉଛି ବୋଲି ସେମାନେ କହିଛନ୍ତି। ପୂର୍ବରୁ ବହୁ ଭାଜପା ଓ କଂଗ୍ରେସ କର୍ମୀ ଏହାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲା ପ୍ରଶାସନ ଓ ପାଇପଲାଇନ କର୍ତ୍ତୃପକ୍ଷ ବିନା ନୋଟିସରେ ଓ ବିନା ପଲ୍ଲିସଭାରେ ଗ୍ରାମ୍ୟ ଠାକୁରାଣୀଙ୍କ ଜମି ଓ ଗୋଚର ଜମି ଉପରେ ପାଇପ୍ ଲାଇନ୍ ବିଛାଉଛନ୍ତି ବୋଲି ଅଭିଯୋଗ କରି ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି।

## ଛବିନ୍ଦ୍ର କ୍ରିକେଟ : ବ୍ରହ୍ମପୁର ଚାମ୍ପିୟନ

**ପାରାଦୀପ, ୧୪।୩ (ସ୍ୱ.ପ୍ର.)**

ପାରାଦୀପର ମଧୁବନସ୍ଥିତ ଏନ୍ଏସି ପଡ଼ିଆରେ ୮ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଛବିନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ବ୍ରହ୍ମପୁର ଇଲେଭେନ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ପାରାଦୀପ ଡାଇମଣ୍ଡ ଓ ବ୍ରହ୍ମପୁର ଇଲେଭେନ ମଧ୍ୟରେ ହୋଇଥିଲା। ୨୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ଟସ୍ ଜିତି ପାରାଦୀପ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ୍ ହରାଇ ୧୫୫ ରନ କରିଥିଲା। ଜବାବରେ ବ୍ରହ୍ମପୁର ୨୪.୫ ଓଭରରେ ୮ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟାନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ପୁରସ୍କାର ବ୍ରହ୍ମପୁର ଟିମର ଆକ୍ରାମ ଖାଁଙ୍କୁ ମିଳିଥିଲା। ଚାମ୍ପିୟନ ଟିମ୍‌କୁ ୩୦ ହଜାର ଓ ରନର୍ସଅପ ଟିମକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ।

## ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ: ମାନସୀ, ଭୁବନେଶ୍ୱର ଚାମ୍ପିୟନ

**ପାରାଦୀପ,୧୪।୩ (ସ୍ୱ.ପ୍ର.)**

ପାରାଦୀପର ଗଲ୍ଫ ପଡ଼ିଆରେ ରବିବାର ୨୦ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ବର୍ଗରେ ମାନସୀ ଚାଲିଆ ଓ ପୁରୁଷ ବର୍ଗରେ ଭୁବନେଶ୍ୱର ଓରାମ ଚାମ୍ପିୟନ ହୋଇଛନ୍ତି। ବେଷ୍ଟ ଆଉଟଲେଟ ଏସ୍ଏନ ମାହାନ୍ତୋ ହୋଇଛନ୍ତି। ୧-୧୨ ହାଣ୍ଡିକାପ୍ଟ ଗ୍ରୁପ୍‌ରେ ଓସ୍କାର ଡୁଙ୍ଗ ଡୁଙ୍ଗ ଚାମ୍ପିୟନ ଓ ଦଲବାର ସିଂ ରନର୍ସ ଅପ୍, ୧୩-୧୮ ହାଣ୍ଡିକାପ୍ଟ ଗ୍ରୁପ୍‌ରେ ଶୈଳେନ୍ଦ୍ର ଉପାଧ୍ୟାୟ ଚାମ୍ପିୟନ ଏବଂ ବବଲୁ ସିକଦାର ଓ ହରିହର ଦାସ ରନର୍ସ ଅପ୍ ହୋଇଛନ୍ତି। ୧୯-୨୪ ହାଣ୍ଡିକାପ୍ଟ ଗ୍ରୁପ୍‌ରେ ଅତୁଲ୍ୟ କୁମାର ମହାପାତ୍ର ଚାମ୍ପିୟନ ଓ ମନୋଜ ମହନ୍ତ ରନର୍ସଅପ ହୋଇଛନ୍ତି। ସେହିପରି ନିୟରେଷ୍ଟ ପିନ୍‌ରେ ଆନନ୍ଦ ରାଓ, ଲଙ୍ଗେଷ୍ଟ ଡ୍ରାଇଭରେ ପ୍ରଦୀପ ବାରିକ୍, ଷ୍ଟ୍ରେଙ୍ଗେଷ୍ଟ ଡ୍ରାଇଭରେ ଅଜୟ ନେଗୀଙ୍କୁ ଟ୍ରଫି ମିଳିଛି। ମହିଳା ବର୍ଗରେ ନମିତା ମହାପାତ୍ର ରନର୍ସ ଅପ୍, ଶିଶୁ ବର୍ଗରେ କୁମାର ହରମୀଦ ଦାସ ଓ ସାଗରିକା ଟୋପେଙ୍କୁ ଟ୍ରଫି ମିଳିଛି। ମଧୁବନସ୍ଥିତ ଅଫିସର୍ସ କ୍ଲବରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ଶାସନ ସଚିବ ଅସିତ୍ ତ୍ରିପାଠୀ, ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ, ପୂର୍ବତନ ବନ୍ଦର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରବି ଦାସ ଖେଳ ପରିଚାଳନା କରିଥିଲେ।

# ବରୀରେ ପାଳନ ହେବ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ

**ବରୀ,୧୪।୩ (ଡି.ଏନ.ଏ.)**

ଆସନ୍ତା ୨୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ପାଳନ ହେବ। ଏନେଇ ବରୀ ଗୋପବନ୍ଧୁ ରମାଦେବୀ ଆଶ୍ରମଠାରେ ଏକ ପ୍ରସ୍ତୁତି ବୈଠକ ସାମାଜିକ କର୍ମୀ କୁଳମଣି ଶୁକ୍ଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ସୂଚନା କମିଶନର ପ୍ରଫେସର ଜଗଦା ନନ୍ଦ ଯୋଗଦେଇ କହିଥିଲେ, ଗାନ୍ଧୀ ଜଣେ ବ୍ୟକ୍ତି ନୁହଁନ୍ତି ବରଂ ଆଦର୍ଶ। ସେ ଆଦର୍ଶ କେବେ ମରେନାହିଁ। ତେଣୁ ଏହି କାର୍ଯ୍ୟରେ ବହୁ ଯୁବକମାନଙ୍କୁ ଯୋଡ଼ିହେବାକୁ ସେ ଅନୁରୋଧ କରିଥିଲେ।

ପ୍ରକାଶଯୋଗ୍ୟ, ହରିଜନ ପଦଯାତ୍ରା ସମୟରେ ଗାନ୍ଧିଜୀ ବରୀ ଯାଜପୁର ରାସ୍ତା ଦେଇ ଭଦ୍ରକ ଯାଇଥିବା ସ୍ମୃତିକୁ ମନେ ପକାଇବା ପାଇଁ ମାର୍ଚ୍ଚ ୨୦ରୁ ଏକ ପଦଯାତ୍ରା କଳାମାଟିଆ ଶହୀଦ ପୀଠରୁ ବାହାରି ୨୧ରେ ଯାଜପୁର ଗାନ୍ଧୀଛକଠାରେ ପହଞ୍ଚିବ। ଏହାପରେ ଅଫିସର କ୍ଲବ୍ ଯାଜପୁରଠାରେ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀ ଓ ଯାଜପୁର ବିଷୟ ବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଗାନ୍ଧିଜୀଙ୍କ ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା, ଗାନ୍ଧୀ କଥା ଓ ଗାନ୍ଧୀ ଚିନ୍ତନ ଶିବିର ମେ'୩୧ ପର୍ଯ୍ୟନ୍ତ ସର୍ବୋଦୟ ମଣ୍ଡଳ, ବରୀ ଦ୍ୱୀପାଞ୍ଚଳ ପରିଷଦ ଓ ଗ୍ଲୋବାଲ ପିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଅନୁଷ୍ଠିତ ହେବ। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଦଳ ନିର୍ବିଶେଷରେ ଲୋକେ ଉକ୍ତ ପଦଯାତ୍ରାରେ ଯୋଗଦେବାକୁ ଗ୍ଲୋବାଲ ପିସ୍ ଫାଉଣ୍ଡେସନ ଅଧ୍ୟକ୍ଷ ଡାକ୍ତର ରାଜକିଶୋର ପଣ୍ଡା ଅନୁରୋଧ କରିଛନ୍ତି। ସର୍ବୋଦୟ କର୍ମୀ ରମାକାନ୍ତ ମଣ୍ଡଳ ସରକାରୀ, ବେସରକାରୀ ଏବଂ ପ୍ରଶାସନସ୍ତରରେ ଉକ୍ତ କାର୍ଯ୍ୟକ୍ରମକୁ ବିଭିନ୍ନସ୍ତରରେ ସ୍ୱାଗତ କରିବାକୁ ଅନୁରୋଧ କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆବାହକ ସତ୍ୟରଞ୍ଜନ କର, ଅଚ୍ୟୁତାନନ୍ଦ ସାମଲ, ଭୂପତି ମଲ୍ଲିକ, ପ୍ରଶାନ୍ତ ବେହୁରା, ଜୟରାମ ନାୟକ, ପ୍ରଶାନ୍ତ ପଢିହାରୀ, ସୀତାରାଣୀ ଦେଓ, ତିଳୋତମା ସେଠୀ, ଅଭିରାମ ମଲ୍ଲ ଓ ତରଣୀସେନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ଓ ଅନ୍ୟମାନେ।

# ୪ ବର୍ଷର ଶିଶୁପୁତ୍ରଙ୍କୁ ମିଳିଲା ତ୍ୱରିତ ସ୍ୱାସ୍ଥ୍ୟସେବା

**ହସ୍ତକ୍ଷେପ କଲେ ବରୀ ବିଧାୟିକା**

**ରସୁଲପୁର,୧୪।୩(ଡି.ଏନ.ଏ.)**

ବରୀ ବିଧାୟିକା ସୁନନ୍ଦା ଦାସଙ୍କ ହସ୍ତକ୍ଷେପ ଯୋଗୁ ଜଣେ ୪ ବର୍ଷର ଶିଶୁପୁତ୍ରଙ୍କୁ ତ୍ୱରିତ ଚିକିତ୍ସା ସେବା ମିଳିପାରିଛି। ସେ ହେଲେ ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତର ସନ୍ତୋଷ କୁଣ୍ଡୁଙ୍କ ପୁଅ ସୌମ୍ୟଜିତ। ମସ୍ତିଷ୍କ ସ୍ନାୟୁ ଜନିତ ରୋଗରେ ପୀଡ଼ିତ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତୁରନ୍ତ ଅସ୍ତ୍ରୋପଚାର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଉକ୍ତ ଡାକ୍ତରଖାନାରେ ଏହି ସ୍ୱାସ୍ଥ୍ୟସେବା ପାଇବାରେ ବିଳମ୍ବ ହେବ ବୋଲି କୁହାଗଲା। ଘରୋଇ ମେଡିକାଲରେ ଚିକିତ୍ସା କରାଇବା ଶିଶୁଙ୍କ ପରିବାର ପାଇଁ ଅସମ୍ଭବ ହୋଇ ପଡ଼ିଥିଲା। ଚିକିତ୍ସାରେ ଯେତେ ବିଳମ୍ବ ହେଉଥିଲା ପିଲାଟିର ଯନ୍ତ୍ରଣା ସେତେ ଅସହ୍ୟ ହୋଇପଡୁଥିଲା। ଫଳରେ ପରିବାର ଲୋକେ ବଡ଼ ଡାକ୍ତରଖାନାର ଶିଶୁ ବିଭାଗର ପରାମର୍ଶ ଲୋଡ଼ିଥିଲେ। ବିଭାଗ ପକ୍ଷରୁ ଶିଶୁପୁତ୍ରଙ୍କୁ ଆଡ୍‌ମିଶନ କରିବାକୁ କୁହାଯାଇଥିଲା। ସେହି ଅନୁସାରେ ବିଭାଗର ଅନ୍ତଃବିଭାଗ ରୋଗୀ ଭାବରେ ଶିଶୁପୁତ୍ର ସପ୍ତାହ ହେଲା ଭର୍ତ୍ତି ହୋଇଥିଲେ।

ଏମ୍ଆରଆଇ ଓ ରକ୍ତ ପରୀକ୍ଷା ସହିତ ଅନ୍ୟ ସମସ୍ତ ସ୍ନାୟୁଗତ ପରୀକ୍ଷା ରିପୋର୍ଟ ସଂଗ୍ରହ କରିବା ପାଇଁ ଶିଶୁର ବାପାଙ୍କୁ କୁହାଯାଇଥିଲା। ଏସବୁ ପରୀକ୍ଷା କରିବା ପାଇଁ ସନ୍ତୋଷଙ୍କ ପାଖରେ ସମ୍ବଳ ନାହିଁ। ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ସମ୍ପର୍କୀୟ ବିଧାୟିକାଙ୍କୁ ଅବଗତ କରାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ବିଧାୟିକା ଦାସ ଓ ଦେବେନ୍ଦ୍ର ଦାସ ଡାକ୍ତରଖାନାରେ ପହଞ୍ଚି ଶିଶୁପୁତ୍ରର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ସ୍ଥାନୀୟ କଟକ-ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସହାୟତା ଲୋଡ଼ିଥିଲେ। ବିଶ୍ୱାଳ ପହଞ୍ଚି ଶିଶୁପୁତ୍ରଙ୍କୁ ଚିକିତ୍ସା ଯୋଗାଇଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଏହାପରେ ବିଧାୟିକା ଦାସ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଆଲୋଚନା କରିଥିଲେ। ସମସ୍ତେ ସହଯୋଗର ହାତ ବଢ଼ାଇବା ପରେ ରବିବାରଠାରୁ ଶିଶୁପୁତ୍ରର ତ୍ୱରିତ ସେବା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଶିଶୁପୁତ୍ର ଅସ୍ତ୍ରୋପଚାର ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏହାକୁ ନେଇ ଶିଶୁପୁତ୍ରର ମାତାପିତା ଖୁସି ପ୍ରକଟ କରିଛନ୍ତି। ବିଧାୟିକାଙ୍କ ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।


ବରୀ ବିଧାୟିକା ଓ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

